# NATIONAL NEWS BULLETIN (ODIA)

**24 September- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ବିଶ୍ୱରେ ଏକ ସାଂସ୍କୃତିକ ଶକ୍ତି ଭାବରେ ଭାରତକୁ ଉପସ୍ଥାପନ କରିବା ଉପରେ ଗୁରୁତ୍ୱ ପ୍ରଦାନ କଲେ ରାଷ୍ଟ୍ରପତି

- ପିଏମ୍ ସ୍ମାରକୀ ଇ-ନିଲାମୀର ସପ୍ତମ ସଂସ୍କରଣରେ ଅଂଶ ଗ୍ରହଣ କରିବାକୁ ଦେଶବାସୀଙ୍କୁ ଅନୁରୋଧ କଲେ ପ୍ରଧାନମନ୍ତ୍ରୀ

- ଶକ୍ତିକ୍ଷେତ୍ର ପ୍ରତି କୃଷିର ବିବିଧତା ଦେଶର ଆବଶ୍ୟକତା ବୋଲି କହିଲେ ସଡ଼କ, ପରିବହନ ଓ ରାଜପଥ ମନ୍ତ୍ରୀ

- ଏସୀୟ କ୍ରୀଡ଼ା-୨୦୨୬ ଏବଂ ଅନ୍ୟାନ୍ୟ କ୍ରୀଡ଼ା ପ୍ରତିଯୋଗିତା ପାଇଁ ମାନଦଣ୍ଡ ପ୍ରସ୍ତୁତ କଲା ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ

ଏବଂ

- ଏସିଆ କପ୍ ପୁରୁଷ ଟି-୨୦ କ୍ରିକେଟ୍ ପ୍ରତିଯୋଗିତାରେ ଆଜି ଭାରତ ଓ ବାଂଲାଦେଶ ମଧ୍ୟରେ ହେବ ମୁକାବିଲା

## ପ୍ରେଜ୍-କଲ୍‌ଚରାଲ ପାୱାର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଶ୍ୱରେ ଏକ ସାଂସ୍କୃତିକ ଶକ୍ତି ଭାବରେ ଭାରତକୁ ଉପସ୍ଥାପନ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି । ନୂଆଦିଲ୍ଲୀରେ ଲଳିତକଳା ଏକାଡେମୀ ଦ୍ୱାରା ଆୟୋଜିତ ୬୪ତମ ଜାତୀୟ କଳା

ପ୍ରଦର୍ଶନୀ ସମାରୋହକୁ ସମ୍ବୋଧନ କରି ରାଷ୍ଟ୍ରପତି କହିଛନ୍ତି, ସାଂସ୍କୃତିକ ଐତିହ୍ୟକୁ ସମୃଦ୍ଧ କରିବା ଏବଂ ସମାଜକୁ ଅଧିକ ସମ୍ବେଦନଶୀଳ କରିବା ପାଇଁ କଳା ହେଉଛି ଏକ ଶକ୍ତିଶାଳୀ ମାଧ୍ୟମ । ଭାରତର ଆର୍ଥିକ ପ୍ରଗତି ଉପରେ ଆଲୋକପାତ କରି ରାଷ୍ଟ୍ରପତି କହିଛନ୍ତି, ଭାରତୀୟ କଳା ନିରନ୍ତର ଭାବେ ବିକଶିତ ହେଉଛି ।

**V/O (Prez- Art)**

ଚଳିତବର୍ଷ କଳାକାରଙ୍କ ଦ୍ୱାରା ପ୍ରସ୍ତୁତ କୃତୀ ଗୁଡ଼ିକର ବିକ୍ରୟ ପାଇଁ ଲଳିତକଳା ଏକାଡେମୀ ପ୍ରୋତ୍ସାହନ ପ୍ରଦାନ କରିଥିବାରୁ ରାଷ୍ଟ୍ରପତି ଖୁସି ବ୍ୟକ୍ତ କରିଛନ୍ତି । ସେ କହିଛନ୍ତି ଏହା ଦ୍ୱାରା କଳାକାରମାନଙ୍କର ଆର୍ଥିକ ଉନ୍ନତି ହେବା ସହ ଦେଶର ସୃଜନଶୀଳ ଅର୍ଥନୀତି ମଜବୁତ ହେବ । କଳାକାର ସେମାନଙ୍କ କୃତୀର ଉଚିତ ମୂଲ୍ୟ ପାଇପାରିବେ ଏବଂ ଏହାକୁ ଏକ ବୃତ୍ତି ଭାବେ ଗ୍ରହଣ କରିବାକୁ ଚାହୁଁଥିବା ଯୁବବର୍ଗ ଏଥିପାଇଁ ଉତ୍ସାହିତ ହେବେ ବୋଲି ରାଷ୍ଟ୍ରପତି କହିଛନ୍ତି ।

# ପିଏମ୍ ସ୍ମାରକୀ ନିଲାମ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପିଏମ୍ ସ୍ମାରକୀ ଇ-ନିଲାମୀର ସପ୍ତମ ସଂସ୍କରଣରେ ସକ୍ରିୟ ଭାବେ ଅଂଶ ଗ୍ରହଣ କରିବା ପାଇଁ ଦେଶର ନାଗରିକମାନଙ୍କୁ ଅନୁରୋଧ କରିଛନ୍ତି । ଏହି ନିଲାମି pmmemontos.gov.in ରେ ଆସନ୍ତାମାସ ୨ ତାରିଖ ପର୍ଯ୍ୟନ୍ତ ଜାରି

ରହିବ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ଏହି ନିଲାମରେ ଭାରତର ସଂସ୍କୃତି ଏବଂ ସୃଜନଶୀଳତା  ପ୍ରଦର୍ଶନ କରୁଥିବା ବହୁ ଆକର୍ଷଣୀୟ କଳାକୃତି ସାମିଲ ରହିଛି । ଇନିଲାମୀ ୨୦୨୫ରେ ସମଗ୍ର ଦେଶରୁ ୧୩ଶହରୁ ଅଧିକ କଳାକୃତି ପ୍ରଦର୍ଶନ କରାଯିବ । ନିଲାମର ସମସ୍ତ ଆୟକୁ ନମାମୀ ଗଙ୍ଗେ ପ୍ରକଳ୍ପ ପାଇଁ ବ୍ୟୟ କରାଯିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ଜିଏସ୍‌ଟି-ରିଫର୍ମ ଫୁଡ୍ ପ୍ରଡକ୍ସନ

ପରବର୍ତ୍ତୀ ପିଢ଼ି ଜିଏସ୍‌ଟି ସଂସ୍କାର ପରୋକ୍ଷ ଟିକସ ବ୍ୟବସ୍ଥାକୁ ସରଳ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ସାବ୍ୟସ୍ତ ହୋଇଛି । ଏହି ସଂସ୍କାରର ଲାଭ ସିଧାସଳଖ ଉପଭୋକ୍ତାଙ୍କ ପାଖରେ ପହଞ୍ଚିବ । ଗତ ୨୨ ତାରିଖରୁ କାର୍ଯ୍ୟକାରୀ ହୋଇଥିବା ଜିଏସଟି ସଂସ୍କାର ମାଧ୍ୟମରେ ଟିକସ ହାରକୁ ୨ଟି ସ୍ତର ୫ ଏବଂ ୧୮ ପ୍ରତିଶତରେ ସୀମିତ ରଖାଯାଇଛି । ବିଭିନ୍ନ ପ୍ରକାର ସାମଗ୍ରୀ ଓ ସେବା ଉପରେ ହୋଇଥିବା ଟିକସ ହ୍ରାସ ନାଗରିକଙ୍କୁ ପ୍ରୋତ୍ସାହନ ପ୍ରଦାନ କରୁଛି ।

ମଧ୍ୟବିତ୍ତ ଏବଂ ନିମ୍ନ ମଧବିତ୍ତ ପରିବାର ଗୁଡ଼ିକ ପାଇଁ ଅର୍ଥ ସଂଚୟର ମାର୍ଗ ଉନ୍ମୁକ୍ତ ହୋଇଛି । ସଂରକ୍ଷିତ  ପନିପରିବା ଉପରେ ଟିକସ ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି । ପ୍ରକ୍ରିୟାକୃତ ଫଳ ଉତ୍ପାଦ ଉପରେ ଜିଏସଟି ମଧ୍ୟ ୫ ପ୍ରତିଶତକୁ କମାଇ ଦିଆଯାଇଛି । ଏହି ପଦକ୍ଷେପ

ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରକୁ ପ୍ରୋତ୍ସାହନ ପ୍ରଦାନ କରିବା ସହ ରପ୍ତାନୀ ତ୍ୱରାନ୍ୱିତ ହେବ । ଖର୍ଚ୍ଚ ହ୍ରାସ ପାଇବା ଯୋଗୁଁ ଚାଷ ଓ ଉପଭୋକ୍ତାଙ୍କ ପାଖରେ ଏହାର ସୁଫଳ ପହଞ୍ଚିବ । ଜୀବନଧାରଣର ମାନ ସହଜ ହେବା ସହ ସମାଜର ବିଭିନ୍ନ ବର୍ଗ ସୁସ୍ଥ ଜୀବନଶୈଳୀ ଆପଣାଇବାକୁ ଉତ୍ସାହିତ ହେବେ । ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ଉପରେ ଟିକସ ହ୍ରାସ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପକୁ ପ୍ରୋତ୍ସାହନ ପ୍ରଦାନ କରିବା ସହ ଏହା ଦ୍ୱାରା ମହିଳା, ଶିଶୁ, ଏବଂ ବୟସ୍କବର୍ଗ ସିଧାସଳଖ ସୁଫଳ ପାଇପାଇବେ ବୋଲି ଆଶା କରାଯାଉଛି ।

## ଗଡ଼କରୀ

କେନ୍ଦ୍ର ସଡ଼କ, ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ଶକ୍ତିକ୍ଷେତ୍ର ପ୍ରତି କୃଷିର ବିବିଧତା ଦେଶର ଆବଶ୍ୟକତା ବୋଲି ଗୁରୁତ୍ୱାରୋପ କରି କହିଛନ୍ତି । ଆଜି ନୂଆଦିଲ୍ଲୀଠାରେ ଇଣ୍ଡିଆ ବାୟୋ ଏନର୍ଜି ଓ ଟେକ୍ ଏକ୍ସପୋ ର ଦ୍ୱିତୀୟ ସଂସ୍କରଣକୁ ସମ୍ବୋଧିତ କରି ଶ୍ରୀ ଗଡ଼କରୀ କହିଛନ୍ତି, ଭାରତର ଜନସଂଖ୍ୟାର ୭୫ ପ୍ରତିଶତ କୃଷି ଉପରେ ନିର୍ଭରଶୀଳ ଓ ଗ୍ରାମାଞ୍ଚଳରେ ବସବାସ କରନ୍ତି ଏବଂ ଜିଡିପିରେ ସେମାନଙ୍କର ଅବଦାନ ୧୪ ପ୍ରତିଶତ ।

ସେ କହିଛନ୍ତି, ଦାରିଦ୍ର୍ୟ ଏବଂ ବେକାରୀ ଯୋଗୁଁ ଚାଷୀମାନଙ୍କୁ ସେମାନଙ୍କର ଉତ୍ପାଦର ସଠିକ୍ ମୂଲ୍ୟ ମିଳିପାରୁ ନାହିଁ । ଶ୍ରୀ ଗଡ଼କରୀ

ଗୁରୁତ୍ୱାରୋପ କରି କହିଛନ୍ତି, ବିଶ୍ୱ ବଜାର ଚିନି, ମକା, ତେଲ ଏବଂ ସୋୟାବିନି ଭଳି ଫସଲର ମୂଲ୍ୟ ନିର୍ଦ୍ଧାରଣ କରିଥାଏ, ଯାହା ଭାରତୀୟ ଚାଷୀଙ୍କୁ ଦୁର୍ବଳ କରିଦେଉଛି । ଶ୍ରୀ ଗଡ଼କରୀ କହିଛନ୍ତି, ଗ୍ରାମୀଣ କୃଷି ଓ ଆଦିବାସୀ ଅର୍ଥନୀତିକୁ ସୁରକ୍ଷା ଦେବାପାଇଁ ଏହିଭଳି ପଦକ୍ଷେପ ମାଧ୍ୟମରେ କୃଷିକୁ ସମର୍ଥନ କରିବା ଓ ଜୈବଶକ୍ତିକୁ ପ୍ରୋତ୍ସାହିତ କରିବା ଅତ୍ୟନ୍ତ ଜରୁରୀ ।

# ପିଏମ୍-ସେବାପର୍ବ

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ରଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବା ପାଇଁ ନିରନ୍ତର ଉଦ୍ୟମ କରିଆସୁଛନ୍ତି । ଆମର ସ୍ୱତନ୍ତ୍ର ଧାରାବାହିକ ସେବା ପର୍ବରେ ଆସନ୍ତୁ ଜାଣିବା ମୋଦୀ ସରକାରଙ୍କ ପକ୍ଷରୁ ଇଣ୍ଡିଆ ଏ.ଆଇ. ମିଶନ ମାଧ୍ୟମରେ ଗ୍ରହଣ କରାଯାଇଥିବା ପଦକ୍ଷେପ ସଂପର୍କରେ ଏକ ରିପୋର୍ଟ :

**Seba Parba Opening**

କୃତ୍ରିମ ବୁଦ୍ଧିମତ୍ତା ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଏକ ବିପ୍ଳବ ଭାବେ ଉଭା ହୋଇଛି । କେନ୍ଦ୍ର ସରକାର ଗତବର୍ଷ ମାର୍ଚ୍ଚ ମାସରେ ୧୦ ହଜାର ୩୦୦ କୋଟିରୁ ଊର୍ଦ୍ଧ୍ୱ ବ୍ୟୟ ଅଟକଳରେ ଇଣ୍ଡିଆ ଏ.ଆଇ. ମିଶନକୁ ଅନୁମୋଦନ

କରିଥିଲେ । ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ, ଭାରତ ପାଇଁ କୃତ୍ରିମ ବୁଦ୍ଧିମତ୍ତାକୁ କାର୍ଯ୍ୟକ୍ଷମ କରିବା ଏହି ମିଶନର ମୁଖ୍ୟ ଉଦ୍ଦେଶ୍ୟ ।

**V/O (PM)**

କୃତ୍ରିମ ବୁଦ୍ଧିମତ୍ତାର ନିରାପଦ ଏବଂ ବିଶ୍ୱସ୍ତ ବ୍ୟବହାରକୁ ସୁନିଶ୍ଚିତ କରିବା ସହିତ ବିଶାଳ କମ୍ପ୍ୟୁଟିଂ କ୍ଷମତା, ନବସୃଜନ କ୍ଷେତ୍ର, ଡାଟାବେସ୍ ବିକାଶ ଏବଂ ଷ୍ଟାର୍ଟଅପ୍‌କୁ ପ୍ରୋତ୍ସାହନ ପ୍ରଦାନ କରିବାରେ ଏହି ମିଶନ ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ପାଲଟିଛି। ପ୍ରଯୁକ୍ତିବିଦ୍ୟାକୁ ଏହା ଗଣତାନ୍ତ୍ରିକୀକରଣ କରିପାରିଛି । ଖୁବ୍ ଅଳ୍ପ ସମୟ ମଧ୍ୟରେ ବିଶ୍ୱର ସବୁଠାରୁ ସୁଲଭ କମ୍ପ୍ୟୁଟିଂ ସୁବିଧା ଭାରତ ଉପଲବ୍ଧ କରାଇଛି । ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଏହି ମିଶନ ଦାୟିତ୍ୱପୂର୍ଣ୍ଣ ଏବଂ ଅନ୍ତର୍ଭୁକ୍ତୀକରଣ ଦିଗରେ ଭାରତକୁ ଏକ ଅଗ୍ରଣୀ ସ୍ଥାନରେ ପହଞ୍ଚାଇ ପାରିଛି । ୨୦୪୭ ସୁଦ୍ଧା ବିକଶିତ ଭାରତରେ ଡିଜିଟାଲ ମୂଳଦୁଆ ପ୍ରସ୍ତୁତ କରିବାରେ ଏହି ମିଶନ ପ୍ରତିଶ୍ରୁତିବଦ୍ଧ ବୋଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି ।

ଆକାଶବାଣୀ ସମ୍ବାଦ ବିଭାଗ ସହ ମୁଁ ମଳୟରଂଜନ ମିଶ୍ର

**Seba Parba Closing**

# ସ୍ପୋର୍ଟସ୍ -ସିଲେକ୍ସନ କ୍ରାଇଟେରିଆ

ଏସୀୟ କ୍ରୀଡ଼ା ୨୦୨୬ ଏବଂ ଅନ୍ୟାନ୍ୟ କ୍ରୀଡ଼ା ପ୍ରତିଯୋଗିତା ଗୁଡ଼ିକରେ ବ୍ୟକ୍ତିଗତ ତଥା ଦଳଗତ ଭାବେ ଅଂଶ ଗ୍ରହଣ ପାଇଁ ଯୁବ ବ୍ୟାପାର ଓ କ୍ରୀଡ଼ାମନ୍ତ୍ରଣାଳୟ ଏକ ଚୟନ ମାନଦଣ୍ଡ ପ୍ରସ୍ତୁତ କରିଛି । ପଦକ ଜିତିବାର

ସମ୍ଭାବନା ଥିବା ଖେଳାଳିଙ୍କୁ କେବଳ ବହୁବିଭାଗୀୟ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶ ଗ୍ରହଣ ପାଇଁ ବିଚାର କରାଯିବ । ଏଥିପାଇଁ ଏକ ସ୍ୱଚ୍ଛ ତଥା ସମନ୍ୱିତ ଢ଼ାଞ୍ଚା ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ହୋଇଛି । ଏସୀୟ କ୍ରୀଡ଼ା ସହିତ ପାରା ଏସୀୟ କ୍ରୀଡ଼ା, ରାଡ୍ୟ ଗୋଷ୍ଠୀ, ଯୁବ ଅଲମ୍ପିକ୍ସ ଏବଂ ଏସୀୟ ଯୁବ କ୍ରୀଡ଼ା ଭଳି ପ୍ରତିଯୋଗିତା ଏହି ମାନଦଣ୍ଡ କାର୍ଯ୍ୟକାରୀ କରାଯିବ । ତେବେ କୌଣସି ଆନ୍ତର୍ଜାତିକ ପ୍ରତିଯୋଗିତା ପାଇଁ ଅନ୍ତର୍ଜାତୀୟ କ୍ରୀଡ଼ା ସଂଘ ଦ୍ୱାରା ସ୍ଥିର କରାଯାଇଥିବା ଯୋଗ୍ୟତା ମାନଦଣ୍ଡ କ୍ଷେତ୍ରରେ ମନ୍ତ୍ରଣାଳୟର ଏହି ମାର୍ଗଦର୍ଶିକା ପ୍ରଯୁଜ୍ୟ ହେବ ନାହିଁ ।

## କ୍ରିକେଟ୍

ପୁରୁଷ ଟି-ଟ୍ୱେଣ୍ଟି ଏସିଆକପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ସୁପର ଫୋର୍ ପର୍ଯ୍ୟାୟରେ ଭାରତ ଏବଂ ବାଂଲାଦେଶ ମଧ୍ୟରେ ଆଜି ମୁକାବିଲା ହେବ । ଦୁବାଇ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମ୍‌ରେ ଭାରତୀୟ ସମୟ ରାତି ୮ଟାରେ ଏହି ମ୍ୟାଚ୍ ଅନୁଷ୍ଠିତ ହେବ ।

ଗତକାଲି ରାତିରେ ଅନୁଷ୍ଠିତ ସୁପର୍ ଫୋର୍ ପର୍ଯ୍ୟାୟର ଏକ ମ୍ୟାଚ୍‌ରେ ପାକିସ୍ତାନ' ଶ୍ରୀଲଙ୍କାକୁ ୫ ୱିକେଟ୍‌ରେ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ୍ ହରାଇ ୧୩୩ରନ୍ କରିଥିଲା । ପାକିସ୍ତାନ ୧୮ ଓଭରରେ ୫ ୱିକେଟ୍ ହରାଇ ୧୩୮ରନ୍ କରି ବିଜୟୀ ହୋଇଛି ।

## ପିଏମ୍ ସ୍ମାରକୀ ନିଲାମ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପିଏମ୍ ସ୍ମାରକୀ ଇ-ନିଲାମୀର ସପ୍ତମ ସଂସ୍କରଣରେ ସକ୍ରିୟ ଭାବେ ଅଂଶ ଗ୍ରହଣ କରିବା ପାଇଁ ଦେଶର ନାଗରିକମାନଙ୍କୁ ଅନୁରୋଧ ହେଉଛି । ଏହି ନିଲାମି pmmemontos.gov.in ରେ ଆସନ୍ତାମାସ ୨ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ଏହି ନିଲାମରେ ଭାରତର ସଂସ୍କୃତି ଏବଂ ସୃଜନଶୀଳତା  ପ୍ରଦର୍ଶନ କରୁଥିବା ବହୁ ଆକର୍ଷଣୀୟ କଳାକୃତି ସାମିଲ ରହିଛି । ଇନିଲାମୀ ୨୦୨୫ରେ ସମଗ୍ର ଦେଶରୁ ୧୩ଶହରୁ ଅଧିକ କଳାକୃତି ପ୍ରଦର୍ଶନ କରାଯିବ । ନିଲାମର ସମସ୍ତ ଆୟକୁ ନମାମୀ ଗଙ୍ଗେ ପ୍ରକଳ୍ପ ପାଇଁ ବ୍ୟୟ କରାଯିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ରାଗାସା ଟାଇଫୁନ୍

ତାଇୱାନ୍‌ରେ ଭୀଷଣ ବାତ୍ୟା ରାଗାସା ପ୍ରଭାବରେ ୧୪ ଜଣଙ୍କର ପ୍ରାଣହାନି ଘଟିଥିବା ବେଳେ ଡଜନରୁ ଅଧିକ ଲୋକ ନିଖୋଜ ଅଛନ୍ତି । ଏହି ଘୂର୍ଣ୍ଣିବାତ୍ୟା ପ୍ରଭାବରେ ଦ୍ୱୀପରେ ପ୍ରବଳ ବର୍ଷା ହେବା ସହ ପୂର୍ବା ଏସିଆର କେତେକ ଅଂଶରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ସୋମବାରଠାରୁ ଏହି ଘୂର୍ଣ୍ଣିଝଡ଼ ତାଇୱାନର ବାହ୍ୟ ସୀମାରେ ପ୍ରଭାବ

ପକାଇଥିବା ବେଳେ  ଏହା ଗତିପଥ ବଦଳାଇ ଦକ୍ଷିଣ ଚୀନ ଉପକୂଳ ଆଡ଼କୁ ଗତି କରୁଛି । ଚୀନ୍‌ର ଜାତୀୟ ପାଣିପାଗ କେନ୍ଦ୍ର କହିଛି ଘୂର୍ଣ୍ଣିଝଡ଼ ପ୍ରଭାବରେ ଘଣ୍ଟାପ୍ରତି ୨୦୦ କିଲୋମିଟର ବେଗରେ ପବନ ବହିବା ସହ ୨୫ରୁ ୪୫ ସେଣ୍ଟିମିଟର ବର୍ଷା ହେବା ସହ ୭ ମିଟର ଉଚ୍ଚର ଜୁଆର ଆସିବାର ସମ୍ଭାବନା ରହିଛି ।